# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 6 December - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ପାଠ କେବଳ ଚାକିରି ପାଇଁ ନୁହେଁ, ବରଂ ଶିକ୍ଷିତ ହେବାପାଇଁ ଆବଶ୍ୟକ : କହିଲେ ରାଷ୍ଟ୍ରପତି ।

  - ମୟୂରଭଞ୍ଜର ଉପରବେଡ଼ା ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସହ କଲେ ଭାବବିନିମୟ ।

- ବିଧାନସଭାରେ ପୋଲାଭରମ୍ ପ୍ରକଳ୍ପକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହ ଅପରାହ୍ନ ୪ଟା ଯାଏଁ ମୁଲତବୀ ।

- ଯାତ୍ରାରେ ଅଶ୍ଳୀଳ ନୃତ୍ୟ ଉପରେ ରୋକ୍ ଲଗାଇବା ପାଇଁ ଖୁବ୍‌ଶୀଘ୍ର ମାର୍ଗଦର୍ଶିକା ଆଣିବେ ସରକାର : ଗୃହରେ ସୂଚନା ଦେଲେ ସଂସ୍କୃତି ମନ୍ତ୍ରୀ ।

ଏବଂ

- ଭାରତୀୟ ସମ୍ବିଧାନର ପୁରୋଧା ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ପୁଣ୍ୟତିଥିରେ ଦେଶବ୍ୟାପୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ ।

*PD+Bhubaneswar*

# **ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ**

ପାଠ କେବଳ ଚାକିରି କରିବା ପାଇଁ ନୁହେଁ ବରଂ ଶିକ୍ଷିତ ହେବାପାଇଁ ଆବଶ୍ୟକ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ରାଷ୍ଟ୍ରପତି ଆଜି ଦୁଇଦିନିଆ ମୟୂରଭଞ୍ଜ ଗସ୍ତରେ ଯାଇ ଉପରବେଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହ ଭାବବିନିମୟ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ଛାତ୍ରଛାତ୍ରୀମାନଙ୍କୁ ମନଦେଇ ପାଠ ପଢ଼ିବା ସହ ମଣିଷ ପରି ମଣିଷଟିଏ ହେବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଆଜିର ଯୁଗରେ ପାଠ ପଢ଼ିବାକୁ ନେଇ ଅନେକ ସୁବିଧା ସୁଯୋଗ ରହିଛି। ପିଲାମାନେ ଏହିସବୁର ଲାଭ ଉଠାଇବା ଦରକାର। ରାଷ୍ଟ୍ରପତି ଏକତ୍ରିତ ହେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଏକତା ହିଁ ବଳ। ଲୋକମାନେ ଏକତ୍ରିତ ହେଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ।

## **- V/O -**

ରାଷ୍ଟ୍ରପତି ଆସନ୍ତାକାଲି ମୟୂରଭଞ୍ଜରେ ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁରମରା-ଚକୁଳିଆ ଏବଂ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳଲାଇନ୍, ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର, ଦାଣ୍ଡବୋଷ ଏୟାରଷ୍ଟ୍ରିପ୍ ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ସମେତ

ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

***BBSR***

## ବିଧାନସଭା-୩

ବିଧାନସଭାରେ ଆଜି ପୋଲାଭରମ୍ ପ୍ରକଳ୍ପକୁ ନେଇ ବିରୋଧି ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ଘୋଷଣା କରିଛନ୍ତି । ବାଚସ୍ପତି କହିଛନ୍ତି ପୋଲାଭରମ୍ ପ୍ରସଙ୍ଗ କୋର୍ଟରେ ବିଚାରାଧିନ ଥିବାରୁ କଂଗ୍ରେସର ମୁଲତବୀ ପ୍ରସ୍ତାବ ଅଗ୍ରାହ୍ୟ ହୋଇଛି । ଗତକାଲି କଂଗ୍ରେସ ପକ୍ଷରୁ ଏ ସମ୍ପର୍କରେ ନୋଟିସ୍ ଦିଆଯିବା ପରେ ବିଭାଗୀୟ ମନ୍ତ୍ରୀଙ୍କ ପାଖକୁ ପଠାଯାଇଥିଲା । ବିଧାନସଭା ବିଧି ଅନୁଯାୟୀ ମାମଲା ବିଚାରାଧିନ ଥିବାରୁ ଏହି ପ୍ରସଙ୍ଗରେ ଗୃହରେ ଆଲୋଚନା ହୋଇପାରିବ ନାହିଁ ବୋଲି ବାଚସ୍ପତି କହିଥିଲେ । ଏହାପରେ କଂଗ୍ରେସ ଦଳର ସଦସ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ । ବାଚସ୍ପତି ପ୍ରଥମେ ଗୃହକୁ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ମୁଲତବୀ କରିଥିଲେ । ଗୃହରେ ସମାନ ସ୍ଥିତି ଜାରି ରହିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି ।

***BBSR***

## ବିଧାନସଭା-୧

ରାଜ୍ୟରେ ଯାତ୍ରାରେ ଅଶ୍ଳୀଳ ନୃତ୍ୟ ପରିବେଷଣ ଉପରେ ରୋକ୍ ଲଗାଇବା ପାଇଁ ସରକାର ବିଚାର କରୁଛନ୍ତି । ଏଥିପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଛି ବୋଲି ଆଜି ବିଧାନସଭାରେ ଏକ ଲିଖିତ ପ୍ରଶ୍ନରେ ଉତ୍ତରରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି । ମନ୍ତ୍ରୀ କହିଛନ୍ତି ଏ ନେଇ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ।

***BBSR***

## ବିଧାନସଭା-୨

ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ନିଯୁକ୍ତି ମେଳା ମାଧ୍ୟମରେ ୧ ଲକ୍ଷ ୫ ହଜାର ୪୪୪ ଜଣଙ୍କୁ ନିଯୁକ୍ତିପତ୍ର ଦିଆଯାଇଛି ବୋଲି ବିଧାନସଭାରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି । ମନ୍ତ୍ରୀ କହିଛନ୍ତି ଗତ ୧୦ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୁଯୋଗ ସୃଷ୍ଟି କାର୍ଯ୍ୟକ୍ରମ ଜରିଆରେ ୧୮ ଲକ୍ଷ ୪୨ ହଜାର ୬୭ ଜଣଙ୍କୁ ନିଯୁକ୍ତି ତାଲିମ ପ୍ରଦାନ କରାଯାଇଛି । ୨୨୬ଟି ନିଯୁକ୍ତିମେଳା ଆୟୋଜନ ପାଇଁ ସରକାର ୩ କୋଟି ୮୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି । ସେଇପରି ନିଯୁକ୍ତିଭିତ୍ତିକ ତାଲିମ କାର୍ଯ୍ୟକ୍ରମ ଜରିଆରେ ଗତ ୫ ବର୍ଷ ମଧ୍ୟରେ ୩୬ ହଜାର ୩୨୯ ଜଣଙ୍କୁ ତାଲିମ ଦିଆଯାଇଥିବା ବେଳେ ୧୫ ହଜାର ୩୮ ଜଣ ନିଯୁକ୍ତି ପାଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ବିଗତ ୫ ବର୍ଷ ମଧ୍ୟରେ ୧୨ ଲକ୍ଷ ୧୩ ହଜାର ୯୨୪

ଜଣ ଚାକିରି ପାଇଁ ପଞ୍ଜୀକରଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୨ ହଜାର ୨୭୪ ଜଣଙ୍କୁ ନିଯୁକ୍ତି ମିଳିଛି।

***GNR, Desk***

# ମହାପରିନିର୍ବାଣ ଦିବସ

ଭାରତୀୟ ସମ୍ବିଧାନର ମୁଖ୍ୟ କର୍ଣ୍ଣଧାର ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ୬୮ତମ ଶ୍ରାଦ୍ଧବାର୍ଷିକୀରେ ଆଜି ଦେଶବ୍ୟାପୀ ମହାପରିନିର୍ବାଣ ଦିବସ ପାଳନ କରାଯାଉଛି। ଦେଶ ନିର୍ମାଣରେ ଡକ୍ଟର ଆମ୍ବେଦକରଙ୍କ ଅବଦାନକୁ ମନେପକାଇ ଆଜି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡକ୍ଟର ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସକାଳେ ଭୁବନେଶ୍ୱରଠାରେ ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ପୁଣ୍ୟତିଥିରେ ଏ.ଜି. ଛକରେ ଥିବା ଡକ୍ଟର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ସମାଜରେ ଥିବା ଭେଦଭାବକୁ ଦୂର କରିବାରେ ଡକ୍ଟର ଆମ୍ବେଦକରଙ୍କ ଅବଦାନ ଚିରସ୍ମରଣୀୟ ହୋଇରହିବ ଏବଂ ପ୍ରତ୍ୟେକ ପିଢ଼ୀକୁ ପ୍ରେରଣା ଦେବ।

ରାଜ୍ୟପାଳ ରଘୁବର ଦାସ ଡକ୍ଟର ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ କହିଛନ୍ତି, ଡକ୍ଟର ଆମ୍ବେଦକରଙ୍କ ଜୀବନ ଦର୍ଶନ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଶୋଷିତ ଓ ବଞ୍ଚିତଙ୍କ ଅଧିକାର ପାଇଁ ଜୀବନ ଥିବା ପର୍ଯ୍ୟନ୍ତ ସେ ଲଢ଼ିଥିଲେ। ସମାଜକୁ ଶିକ୍ଷିତ କରିବାରେ ତାଙ୍କର ପ୍ରୟାସ ସବୁବେଳେ ସ୍ମରଣୀୟ ହୋଇରହିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଡକ୍ଟର ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ସାମାଜିକ ନ୍ୟାୟର ପୁରୋଧା ଡକ୍ଟର ଆମ୍ବେଦକର ନିଜର ବିଚାର, ସଂଘର୍ଷ ଓ ଅତୁଳନୀୟ ଅବଦାନ ବଳରେ ସମ୍ବିଧାନର ରଚନା କରିବା ସହ ସମାଜର ବଞ୍ଚିତ ଏବଂ ଉପେକ୍ଷିତ ବର୍ଗଙ୍କ ସମ୍ମାନ ଓ ଅଧିକାର ପାଇଁ ମାର୍ଗ ପ୍ରଶସ୍ତ କରିଥିଲେ।

***Ganjam***

## ଗୃହରକ୍ଷୀ ବାହିନୀର ୬୨ତମ ପ୍ରତିଷ୍ଠା ଦିବସ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଗୃହରକ୍ଷୀ ବାହିନୀର ୬୨ତମ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି। ଗଞ୍ଜାମ ଜିଲ୍ଲା ଛତ୍ରପୁର ପୁଲିସ ପଡ଼ିଆଠାରେ ଆୟୋଜିତ ପ୍ରତିଷ୍ଠା ଦିବସରେ ଯୋଗଦେଇ ଦକ୍ଷିଣାଞ୍ଚଳ ଡିଆଇଜି ଡକ୍ଟର ସାର୍ଥକ ଷଡ଼ଙ୍ଗୀ ନିଷ୍ଠାପର ସେବା ଦ୍ୱାରା ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ଗୃହରକ୍ଷୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଗୃହରକ୍ଷୀମାନେ ପ୍ରାକୃତିକ ବିପର୍ଯ୍ୟୟ ଠାରୁ

ଆରମ୍ଭକରି ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ଭଳି ସବୁ କ୍ଷେତ୍ରରେ ଉଲ୍ଲେଖନୀୟ କର୍ତ୍ତବ୍ୟପରାୟଣତାକୁ ନେଇ ଶ୍ରୀ ଷଡ଼ଙ୍ଗୀ ପ୍ରଶଂସା କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ନିକଟରୁ ଆସିଥିବା ସନ୍ଦେଶ ବାର୍ତ୍ତା ଡିଆଇଜି ଡକ୍ଟର ଷଡ଼ଙ୍ଗୀ ପାଠ କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଗଞ୍ଜାମ ଜିଲ୍ଲାର ୬ ଜଣ ଗୃହରକ୍ଷୀଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ଭଦ୍ରକ ଚରମ୍ପା ରିଜର୍ଭ ପୁଲିସ ପଡ଼ିଆଠାରେ ଗୃହରକ୍ଷୀ ବାହିନୀ ଦିବସ ପାଳିତ ହୋଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମାଡ଼କର ସନ୍ଦୀପ ସମ୍ପଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ।

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ରିଜର୍ଭ ପୋଲିସ ପଡ଼ିଆଠାରେ ଗୃହରକ୍ଷୀ ଦିବସ ପାଳନ ଅବସରରେ ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜୀ ଯୋଗଦେଇ ପରେଡ଼ରେ ଅଭିବାଦନ ଗ୍ରହଣ କରିବା ସହ ଦେଶର ଆଇନଶୃଙ୍ଖଳା ଓ ସୁରକ୍ଷା ଦିଗରେ ଗୃହରକ୍ଷୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।

***Puri***

## ଘୋଡ଼ ଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ମାର୍ଗଶୀର ଶୁକ୍ଳ ଷଷ୍ଠୀ ତିଥିରେ ଓଢ଼ଣୀ ଷଷ୍ଠୀ ଅବସରରେ ଶ୍ରୀଜୀଉମାନଙ୍କର ଘୋଡ଼ ଲାଗି ନୀତି ଅନୁଷ୍ଠିତ ହେବ। ପରମ୍ପରା ଅନୁଯାୟୀ ଶ୍ରୀଜୀଉମାନେ ଶୀତର ପ୍ରକୋପରୁ ବର୍ତ୍ତିବା ପାଇଁ ଶୀତବସ୍ତ୍ର ପରିଧାନ କରିବାର ବିଧି ରହିଛି। ମହାପ୍ରଭୁଙ୍କର ଏହି ବିଧି ଆସନ୍ତା ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ପ୍ରତ୍ୟହ ସମ୍ପାଦନ ହେବ। ଏ ନେଇ ଆଜି ଶ୍ରୀମନ୍ଦିରରେ ଘୋଡ଼ ଅଧିବାସ ନୀତି ସମ୍ପାଦନା କରାଯିବ। ଶ୍ରୀମନ୍ଦିରରେ ରାତ୍ରି ସମୟରେ ଚନ୍ଦନଲାଗି ନୀତି ପରେ ସମସ୍ତ ପ୍ରସ୍ତୁତ ଘୋଡ଼କୁ ଅଧିବାସ ହୋଇ ରଖାଯିବ। ଆସନ୍ତାକାଲି ଅଧିବାସିତ ଘୋଡ଼ ଲାଗି କରାଯିବ।

***Ganjam***

## ପ୍ରଥମ ପେନ୍ କ୍ଲିନିକ୍ ଆଉଟଡୋର

ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲରେ ରାଜ୍ୟର ପ୍ରଥମ ପେନ୍ କ୍ଲିନିକ୍ ଆଉଟଡୋର ଉଦ୍‌ଘାଟିତ ହୋଇଯାଇଛି। ମେଡିକାଲ କଲେଜ ଡିନ୍ ଡାକ୍ତର ସୁଚିତ୍ରା ଦାଶ ଏହାକୁ ଉଦ୍‌ଘାଟନ କରିଛନ୍ତି। ପ୍ରତି ସୋମବାର, ବୁଧବାର ଓ ଶୁକ୍ରବାର ଦିନ ଏଠାରେ ରୋଗୀଙ୍କୁ ଚିକିତ୍ସା ମିଳିବ। ବାର୍ଦ୍ଧକ୍ୟଜନିତ କଷ୍ଟ ଏବଂ କ୍ୟାନ୍‌ସର ପୀଡ଼ିତଙ୍କୁ ଏଠାରେ ବିନା ଅସ୍ତ୍ରୋପଚାରରେ ଚିକିତ୍ସା କରାଯିବ। ଏହି

କ୍ଲିନିକ୍‌ରେ ଅତ୍ୟାଧୁନିକ ଯନ୍ତ୍ରାଂଶ ସହ ଅଭିଜ୍ଞ କର୍ମଚାରୀ ନିଯୁକ୍ତ ହୋଇଥିବା ହସ୍‌ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

***Ganjam***

## ବକ୍ସିଂ ଶିବିର

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ବକ୍ସିଂ ସିନିୟର ଏଲିଟ୍ ମହିଳା ଓ ପୁରୁଷ ଖେଳାଳି ଚୟନ ନିମନ୍ତେ ଆସନ୍ତା ୮ ତାରିଖରେ ଶିବିର ଅନୁଷ୍ଠିତ ହେବ । ଜିଲ୍ଲାର ସମସ୍ତ ବ୍ଲକ, କ୍ଲବ, ଆସେସିଏସନ୍ ତଥା ସ୍କୁଲ, କଲେଜର ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେଇପାରିବେ ବୋଲି ଗଞ୍ଜାମ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି ।

***MET***

## ପାଣିପାଗ

ରାଜ୍ୟରେ ଶୀତର ପ୍ରଭାବ ବୃଦ୍ଧି ପାଉଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆଗାମୀ ଦୁଇଦିନ ମଧ୍ୟରେ ବିଭିନ୍ନ ଜିଲ୍ଲାର ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲ୍‌ସିୟସ୍ ହ୍ରାସ ପାଇବାର ସମ୍ଭାବନା ରହିଛି । ସେଇଭଳି ଆଗାମୀ ୨ ଦିନ ଜଗତସିଂହପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କନ୍ଧମାଳ, କଳାହାଣ୍ଡି, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ

ଧରଣର କୁହୁଡ଼ି ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଅପରପକ୍ଷରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ ସାମାନ୍ୟ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି ।